# ଦୁର୍ଘଟଣାରେ ଟ୍ରକ ଚୁରମାର୍

ରାଜଘାଟ, ୨୫।୧ (ସମିସ): ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର ବରୁଣଗଡ଼ିଆ ଜଟିଆ ଢାବା ନିକଟରେ ଅଜଣା ଗାଡ଼ି ଧକ୍କାରେ ଗୋଟିଏ ଟ୍ରକ ଚୁରମାର୍ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଏକ ଗୁଆ ବୋଝେଇ ଆଇଚର ଟ୍ରକ(ଡବ୍ଲ୍ୟୁବି ୫୧ଏଫ ୬୫୭୩) ବାଲେଶ୍ୱର ପଟୁ କୋଲକାତା ଅଭିମୁଖେ ଯାଉଥିବା ସମୟରେ ଏକ ଅଜଣା ଟ୍ରକ ତାହାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆଇଚର ଟ୍ରକଟି ସାମନାରେ ଥିବା ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଟ୍ରକର କେବିନ ଅଂଶଟି ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ଚାଳକ ଜଣକ କେବିନରେ ଚାପି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟଲୋକ ଏବଂ ଜାତୀୟ ରାଜପଥ ପହରା ପୁଲିସ ସହାୟତାରେ ଚାଳକ ଜଣକୁ ଉଦ୍ଧାର କରାଯାଇ ବସ୍ତା



ହସ୍ପିଟାଲକୁ ନିଆଯାଇଥିଲା। ଦୁର୍ଘଟଣା ଘଟାଇଥିବା ଅଜଣା ଟ୍ରକଟି ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିବା ବେଳେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଟିକୁ ଜବତ୍ କରି ଘଟଣାର ତଦନ୍ତ ଜାରି ରଖିଛି।

# ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା କାର; ବର୍ତ୍ତିଲେ ମାମୁଁଭଣଜା

ନୀଳଗିରି, ୨୫।୧ (ସମିସ)

ନୀଳଗିରି ଉପଖଣ୍ଡ ମିତ୍ରପୁର-କାଠପାଳ-ନୂଆପାଢ଼ୀ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଚାଲିଥିବା ବେଳେ ବିଦ୍ୟୁତ ଖୁଣ୍ଟି ନ ଉଠାଇ ରାସ୍ତା ନିର୍ମାଣ କରାଯାଉଛି। ଫଳରେ ବଢୁଛି ଦୁର୍ଘଟଣା। ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ପୁରୁଣାଗାଁର କାର ଚାଳକ ସ୍ୱରୂପାନନ୍ଦ ଜେନା ଭଣଜାଙ୍କୁ ନେଇ ଆଜି ସକାଳ ୭ଘଟିକା ସମୟରେ କାର ଯୋଗେ ବାଲେଶ୍ୱର ଅଭିମୁଖେ ଯାଇଥିବା ବେଳେ ସିନ୍ଦୁରଗୌରା ଠାକୁରାଣୀ ଛକ ନିକଟରେ ଜୈନିକ ବାଇକ ଆରୋହୀ କାର ଆଗକୁ ଆସିବାରୁ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟିକୁ କାରଟି



ଧକ୍କା ଦେଇଥିଲା। ବିଦ୍ୟୁତ ଖୁଣ୍ଟି ସହିତ ଧକ୍କା ହେବାରୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ କାରରୁ ମାମୁଁ ଭଣଜା ଙ୍କୁ ଉଦ୍ଧାର କରାଯାଇଥିଲା। ତେବେ କାର ଭିତରେ ବେଲୁନ ପାଇଁ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ ଉଭୟ ମାମୁଁ ଭଣଜା। ଏଥିରେ ତାଙ୍କ କାର ଆଗ ଇଞ୍ଜିନ ଭାଙ୍ଗି ନଷ୍ଟ ହୋଇଯାଇଥିଲା ବେଳେ ବିଦ୍ୟୁତ ଖୁଣ୍ଟି ଟି ଧରାଶାୟୀ ହୋଇପଡ଼ିଥିଲା। ପରେ ଉତ୍ତ୍ୟକ୍ତ ଜନତା ରାସ୍ତା ଅବରୋଧ କରି ହା ହୋଲ୍ଲା କରିଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ଏଏସଆଇ ଶ୍ରୀନିବାସ ରାଉତ,ଜିତେନ୍ ରାଉତ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିବେଶ ଶାନ୍ତ ପଡିଥିଲା। ତେବେ ମିତ୍ରପୁର -କାଠପାଳ-ନୂଆପାଢ଼ୀ ରାସ୍ତା ନୀଳଗିରି ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଜୈନିକ ଠିକାଦାର ନିର୍ମାଣ କରୁଥିବା ବେଳେ ରାସ୍ତା ମଝିରେ ୮,୧୦ଟି ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ କରାନଯାଇ ରାସ୍ତା ନିର୍ମାଣ ହେଉଥିବାରୁ ରାସ୍ତା ବିପଦ ସଙ୍କୁଳ ହୋଇ ପଡିଥିବା ବେଳେ ଦୈନନ୍ଦିନ ଯାତାୟାତ କରୁଥିବା ହଜାର ହଜାର ପଥଚାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିରେ ପୂର୍ତ୍ତ ବିଭାଗର ନିଘା ଅଛି ନା ଜୈନିକ ଠିକାଦାରର। ସୂଚନା ଯୋଗ୍ୟ ଆସନ୍ତା ଫେବୃୟାରୀ ମାସ ୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଲେଶ୍ୱର ଗସ୍ତରେ ଆସୁଥିବାର କାର୍ଯ୍ୟକ୍ରମ ଥିବାବେଳେ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଆସିବାର କାର୍ଯ୍ୟକ୍ରମ ରହିଥିବା ଜଣା ପଡ଼ିଛି। ଉକ୍ତ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟି ରହି ବିପଦ ସଂକୁଳ ହୋଇ ପଡିଥିବାରୁ ତୁରନ୍ତ ରାସ୍ତା ଉପରୁ ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ ପାଇଁ ଜିଲ୍ଲାପାଳ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ଆର୍ଟ ଅଫ୍ ଗିଭିଂ ପକ୍ଷରୁ ଗଣଦୌଡ଼

ଜଳେଶ୍ୱର, ୨୫।୧ (ସମିସ): ସମସ୍ତଙ୍କ ପାଇଁ ଶିକ୍ଷାର ଲକ୍ଷ୍ୟ ତଥା ସାଧାରଣରେ ସଚେତନତା ସୃଷ୍ଟିର ଲକ୍ଷ୍ୟ ନେଇ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନରେ ଜଳେଶ୍ୱରରେ ଆର୍ଟ ଅଫ ଗିଭିଂର ଜଳେଶ୍ୱର ଶାଖା ତଥା ଜିଲ୍ଲା ସଂଯୋଜକ ବରିଷ୍ଠ ଆଇନଜୀବି ଅନିଲ କୁମାର ପରିଡାଙ୍କ ନେତୃତ୍ୱରେ ଏକ ମିନି ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସକାଳ ୭ଟାରେ ଜଳେଶ୍ୱର କାଳୀ ମନ୍ଦିର ପାଖରୁ ଏହି ଗଣଦୌଡ ଆରମ୍ଭ ହୋଇ ପୁରୁଣା କୋର୍ଟ ନିକଟରେ ଶେଷ ହୋଇଥିଲା। ଏହି ଅବସରରେ ଆର୍ଟ ଅଫ ଗିଭିଙ୍ଗର ସଭାପତି ସିଦ୍ଧାର୍ଥ ଶଙ୍କର ପାଳଙ୍କ ଅଧ୍ୟକ୍ଷତାରେ ପୁରୁଣା କୋର୍ଟ ନିକଟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଆର୍ଟ ଅଫ ଗିଭିଂର ଜିଲ୍ଲା ମୁଖ୍ୟ ସଂଯୋଜକ ବରିଷ୍ଠ ଆଇନଜୀବି ଅନିଲ କୁମାର ପରିଡା, ସମ୍ପାଦକ ଗିରିଜା ଶଙ୍କର ଦାସ, ଆଇନଜୀବୀ ତଥା ବାର ଆସୋସିଏସନର ସଭାପତି କୁଂଜ ବିହାରୀ ଦାସ, ବରିଷ୍ଠ ଆଇନଜୀବି ଚିନ୍ମୟ କୁମାର ଦାସ, ସହ ସମ୍ପାଦକ ଆଇନଜୀବି ସୁଶାନ୍ତ ଦାସ, ବିଜେପି ପୂର୍ବତନ ନଗର ସଭାପତି ଆଇନଜୀବି ଫାଲଗୁନୀ ପାଣିଗ୍ରାହୀ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ମହାନ୍ତି, ବରିଷ୍ଠ ଆଇନଜୀବି ଜିତାଂଶୁ ନନ୍ଦୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜୟନାରାୟଣ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୨୫।୧ (ସମିସ): ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଦଳର ବରିଷ୍ଠ ନେତା ଆଇନଜୀବୀ ସତ୍ୟ ସୁନ୍ଦର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅନନ୍ତ ସେଠୀ, ବିଶିଷ୍ଟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ଜଳେଶ୍ୱର ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ପୂର୍ବତନ ବାର ଆସୋସିଏସନ ସଭାପତି ତଥା ବରିଷ୍ଠ ଆଇନଜୀବି ଅନୀଲ କୁମାର ପରିଡା, ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, କଂଗ୍ରେସ ନେତା ସୁଦର୍ଶନ ଦାସ, ଫରିଦ ଅହମ୍ମଦ, ଭବାନୀ ଶଙ୍କର ମହାନ୍ତି, ବସ୍ତା କଂଗ୍ରେସ ପୂର୍ବତନ ସଭାପତି ସତ୍ୟନାରାୟଣ ଗୁପ୍ତା, ଜୟନାରାୟଣ ମହାନ୍ତିଙ୍କ ପତ୍ନୀ ଶୈଳବାଳା ମହାନ୍ତି, ଜ୍ୱାଇଁ ଦୀପକ ସ୍ୱାଇଁ, ଝିଅ ଜୟସ୍ମିତା ମହାନ୍ତି, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡା, ନଗର ସଭାପତି ଗିରିଜା ଶଙ୍କର ଦାସ, ସେକ ଅବଦୁଲ ରହିମ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଂଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୨୫।୧(ସମିସ): ଭୋଗରାଇ ବ୍ଲକ ଭୋଗରାଇ ହାଟ ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, ଭୋଗରାଇ ପଞ୍ଚାୟତର ସରପଞ୍ଚ ସୁଷମା କର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ସାଧନା ନାୟକ ମଞ୍ଚ ଆହ୍ୱାନ କରିଥିଲା ବେଳେ ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଭଞ୍ଜ ବାର୍ଷିକ ବିବରଣୀ ପଠନ କରିଥିଲା ବେଳେ ଅଧ୍ୟାପକ ସରୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବାମକାଳୀ କ୍ରିକେଟ ଉଦ୍‌ଘାଟିତ

**ଖଇରା,୨୫।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ କାକୁଡିଆ ଗ୍ରାମ ଖେଳପଡିଆରେ ଶନିବାର ଦିନ ମା ବାମକାଳୀ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ସାରୁଗାଁ ସରପଞ୍ଚଦୟାନିଧି ନାୟକ, ପୂର୍ବତନ ଶିକ୍ଷକ ନରେନ୍ଦ୍ର ଲେଙ୍କା, ଓଡିଶା ପ୍ରଶାସନିକ ଅଧିକାରିଣୀ ମୋନାଲିସା ରାଉତ, ସାମ୍ବାଦିକ ବଳରାମ ଲେଙ୍କା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚରେ ବ୍ଲେଣ୍ଡର ଇଲେଭେନ ସୋର ମାର୍କୋଣାକୁ ୨୦ରନରେ ପରାସ୍ତ କରିଛି। ରବିବାର ଦ୍ୱିତୀୟ ଦିବସରେ କେନ୍ଦୁଝର ର ଚିକୁ ଚେଞ୍ଜର୍ସ ବାଲେଶ୍ୱରର ଅରଏମସିସି କୁ ୬ଉଇକେଟରେ ବିଜୟୀ ହୋଇଛି। ତାପସ ସାହୁ ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ କାକୁଡିଆ ଗ୍ରାମବାସୀ ଓ ମା' ବାମକାଳୀ କ୍ଲବର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ମତଦାତା ଦିବସ ପାଳିତ



ବାଲେଶ୍ୱର,୨୫।୧ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ଗୃହରେ ଜିଲ୍ଲା ନିର୍ବାଚନ ବିଭାଗ ଆନୁକୂଲ୍ୟରେ ୧୬ତମ ମତଦାତା ଦିବସ ପାଳିତ ହୋଇଯାଇଛି। ସକାଳ ୭ ଟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଶୋଭାଯାତ୍ରା ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହିତ ନୀଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ଅତିରିକ୍ତ ବାଲେଶ୍ୱର ଉପ ଜିଲ୍ଲାପାଳ ପ୍ରମୋଦ କୁମାର ନାୟକ, ଡେପୁଟି କଲେକ୍ଟର ସମୀକ୍ଷା ବେହେରା, ପ୍ରମୋଦ କୁମାର ମଲ୍ଲିକ, ଐଶ୍ୱର୍ଯ୍ୟା ମହାଲିକ, ଆସିଷ୍ଟାଣ୍ଟ କଲେକ୍ଟର ସୁବ୍ରତ କୁମାର ଘୋଷ ଏବଂ ଜିଲ୍ଲା କ୍ରିଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସିନ ଥିଲେ। ମତଦାତାମାନଙ୍କୁ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ନିର୍ବାଚନ ସମୟରେ ନିଜର ମତଦାନ କରିବାକୁ ଆମ ଦେଶର ସମ୍ବିଧାନ ଆମକୁ ଅଧିକାର ଦେଇଛି। ମତଦାନ ଦେଇ ଆମ୍ଭେ ଉଚିତ ବ୍ୟକ୍ତିମାନଙ୍କୁ କ୍ଷମତାରେ ରଖି ଦେଶର ଭବିଷ୍ୟତକୁ ଉଜ୍ୱଳ କରିପାରିବା। ସେଥିପାଇଁ ସମସ୍ତ ଯୋଗ୍ୟ ମତଦାତାମାନେ ମତଦାନ ଦେବା ବାଧ୍ୟ ବୋଲି ମଞ୍ଚାସିନ ଅତିଥିମାନେ ବକ୍ତବ୍ୟରେ କହିଥିଲେ। ସଭାରେ ଗୃହରେ ଉପସ୍ଥିତ ସମସ୍ତେ ମତଦାନ ଉପରେ ଏକ ଶପଥ ପାଠ କରିଥିଲେ। ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ୱାଲ ମାଗାଜିନ୍ ଓ ପୋଷ୍ଟର ପ୍ରତିଯୋଗିତାରେ ଜିତିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ୧୨ ଜଣ ନୂତନ ମତଦାତା ମାନଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ନିର୍ବାଚନ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ପାରଦର୍ଶିତା ଦେଖାଇ ଥିବାରୁ ବାଲେଶ୍ୱର ଜିଲ୍ଲାର ୮ ଜଣ ବିଏଲଓ, ୮ ଜଣ ବିଏଲଓ ସୁପରଭାଇଜର, ୪ ଜଣ ଇଆରଓଙ୍କୁ ସମ୍ମାନିତ କରାଯାଇଥିଲା।

● ପ୍ରବାସୀ ଓଡ଼ିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଦୁବାଇରେ ସମ୍ବର୍ଦ୍ଧିତ ହେଲେ ବିକ୍ରମ ଓ ସଂଗ୍ରାମ

ବାଲେଶ୍ୱର,୨୫।୧(ସମିସ): ସୁଦୂର ଦୁବାଇରେ ଦୀର୍ଘ ୧୨ ବର୍ଷ ହେଲା ପ୍ରବାସୀ ଓଡ଼ିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ସଂଯୁକ୍ତ ଆରବ ଏମିରଟରେ ଏହା ହେଉଛି ସବୁଠୁ ବଡ଼ ପ୍ରବାସୀ ଓଡ଼ିଆ କ୍ରିକେଟ୍ ପ୍ରତିଯୋଗିତା। ଏହି ପରିପ୍ରେକ୍ଷୀରେ ଆଜି ଫାଇନାଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ଅଜମନ ସ୍ଥିତ ସେଭେନ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଷ୍ଟାଡିୟମ୍ ରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ




ଉତ୍ତର ଓଡ଼ିଶାର ପ୍ରମୁଖ ରିଅଲ ଇଷ୍ଟେଟ କମ୍ପାନୀ ଆଶିୟାନା ରିଅଲକନ ପ୍ରାଇଭେଟ୍ ଲିମିଟେଡକୁ ଏହାର ଉତ୍କୃଷ୍ଟତା ଲାଗି ସମ୍ବର୍ଦ୍ଧିତ କରାଯାଇଛି। କମ୍ପାନୀର ଦୁଇ ନିର୍ଦ୍ଦେଶକ ବିକ୍ରମ ପଣ୍ଡା ଓ ସଂଗ୍ରାମ ପଣ୍ଡା ଓଡ଼ିଆ ଚଳଚ୍ଚିତ୍ର ଜଗତର ନାୟିକା ଶିବାନୀ ସଂଗୀତାଙ୍କଠୁ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ସଂଗ୍ରାମ ପଣ୍ଡା କହିଥିଲେ ଓଡ଼ିଶା ତଥା ଦୁବାଇ ରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀ ମାନଙ୍କ ଲାଗି କମ୍ପାନୀ ଆଗାମୀ ଦିନରେ ନିଜ ସ୍ୱପ୍ନର ଘର ଯୋଗାଇ ଦେବ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ମାର୍କେଟିଂ ମୁଖ୍ୟ ସ୍ନେହଦୀପ୍ତ ତ୍ରିପାଠୀ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର(ଉତ୍ତର),୨୫।୧(ସମିସ): ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ର ଯୁକ୍ତ ତିନି ଛାତ୍ରୀ ମାନଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଆୟୋଜିତ ସଭାରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ବିଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି, ମୁଖ୍ୟବକ୍ତା ଭାବେ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ତ୍ରିବେଣୀ ଧରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବ୍ରଜବିହାରୀ ପତି, ଅଧ୍ୟାପକ ଅନୁପ ସାମଲ, ଚତୁର୍ଭୁଜ ଘଡାଇ, ଦେବାଶିଷ ପଣ୍ଡା, ସୁଚିସ୍ମିତା କର, ବନ୍ଦିତାରାଣୀ ପ୍ରଧାନ, ଶିବ ଶଙ୍କର ପାତ୍ର, ଗୀତାରାଣୀ ଦାସ ପ୍ରମୁଖ ଯୋଗ ଦେଇ ଥିଲେ।

# ଗଙ୍ଗାଧର ପ୍ରସାଦ ହାଇସ୍କୁଲର ବାର୍ଷିକ ଉତ୍ସବ

ନୀଳଗିରି, ୨୫।୧ (ସମିସ): ନୀଳଗିରି ଉପକଣ୍ଠ ଗଙ୍ଗାଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରେମୁଣା ଗୋଷ୍ଠୀ ଶିକ୍ଷାଧିକାରୀ କାଳନ୍ଦି ସୋରେନ ଯୋଗଦେଇ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ନୂଆଗାଁ ସରପଞ୍ଚ ସୁବ୍ରତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ କାର୍ତ୍ତିକେଶ୍ୱର ପାତ୍ର, ଅନ୍ୟତମ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶେରଗଡ଼ ସିଆରସିସି ବିଷ୍ଣୁପଦ ଦାସ, ଏସଏମସି ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି, ୱାର୍ଡ଼ ସଭ୍ୟ ଲକ୍ଷ୍ମୀଧର ମଲ୍ଲିକ, ଦିଲ୍ଲୀପ ସ୍ୱାଇଁ, ଏସ ଏମ ଡିସି ସଦସ୍ୟ ସୁରଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜୟନ୍ତ ପଣ୍ଡା, ଅମିତ ଦାସ, ମଞ୍ଜୁଲତା ବେହେରା ମଞ୍ଚାସୀନ ଥାଇ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅଲିଭା ପୋଥାଳ ବାର୍ଷିକ ଉତ୍ସବ ଧ୍ୱଜା ଉତ୍ତୋଳନ କରିଥିଲେ। ଗୌତମ କୁମାର ବାରିକ, ଗଣେଶ ପ୍ରସାଦ ପାଢ଼ୀ, ଅନିଲ କୁମାର ସାହୁ, ଜ୍ୟୋସ୍ନାରାଣୀ ସାହୁ, ହରପ୍ରିୟା ସାହୁ, ରଶ୍ମିତା ସେଠୀ, ଲକ୍ଷ୍ୟଜିତ ସେଠୀ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ରେମୁଣା,୨୫।୧(ସମିସ): ଉତ୍କଳ ସର୍ବୋଦୟ ମଣ୍ଡଳ ବାଲେଶ୍ୱର ଆନୁକୂଲ୍ୟରେ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୯ ତମ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କର ଜୟନ୍ତୀ ଉତ୍ସବ ରେମୁଣା ଗୋଲେଇ ଠାରେ ପାଳନ କରାଯାଇଅଛି । ସମାଜ ସେବୀ ସୁକାନ୍ତ ଜେନା, ସରୋଜ ସାହୁ, ସର୍ବେଶ୍ୱର ମହାର୍ଣ୍ଣ, ଗଣେଶ ଚନ୍ଦ୍ର ଗିରି, ସଚିନ ରାୟ, ରାଜେନ୍ଦ୍ର ଦାସ, ପ୍ରଦ୍ୟୁମ୍ନ ଦାସ, ଅନିଲ କୁମାର, ଉଦୟ ନାରାୟଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ତାପସ ସାମଲ ମଞ୍ଚ ଆହ୍ୱାନ କରିଥିବା ବେଳେ ସତ୍ୟଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୨୫।୧ (ସମିସ) : ଭୋଗରାଇର ଭାରତୀୟ ବିଦ୍ୟା ନିକେତନ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ନିକେତନର ଅଧ୍ୟକ୍ଷ ସୁଧାଂଶୁ ଶେଖର ପ୍ରଧାନ ସଂଚାଳନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପ୍ରଦାର୍ଥ ବିଜ୍ଞାନର ମୁଖ୍ୟ ଦିଲ୍ଲୀପ କୁମାର ଜେନା ଯୋଗ ଦେଇ ବଡ ମଣିଷ ଅପେକ୍ଷା ଭଲ ମଣିଷ ହେବାକୁ ପିଲାଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୌରସୀ ତପନ କୁମାର ପଣ୍ଡା, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ, ସରପଞ୍ଚ ବିଭୁତି ଭୂଷଣ ପ୍ରଧାନ, ସଦସ୍ୟ ଗୋବିନ୍ଦ ଦାସ ପ୍ରମୁଖ ଯୋଗ ଦେଇ ବହୁ ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ଶାଶ୍ୱତ କୁମାର ଜେନା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଦେବାଶିଷ ମହାନ୍ତି ବାର୍ଷିକ ବିବରଣୀ ପଠନ ଓ ଗୁରୁଜୀ ଶ୍ରୀକାନ୍ତ ପଟ୍ଟାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୯ରେ ରାଜ୍ୟସ୍ତରୀୟ ପଥପ୍ରାନ୍ତ ଝୋଟି ଉତ୍ସବ

ବାଲେଶ୍ୱର,୨୫।୧(ସମିସ): ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପଠାରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ବାଲେଶ୍ୱର ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠାନ ସଭାପତି ଅଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୯ ତାରିଖ ଦିନ ୧୩ ତମ ରାଜ୍ୟସ୍ତରୀୟ ପଥପ୍ରାନ୍ତ ଝୋଟି ଉତ୍ସବ ସମ୍ପର୍କରେ ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୧ ଲକ୍ଷ ଲକ୍ଷ୍ମୀପାଦ ଝୋଟି ଅଙ୍କନ କରାଯିବାର ସ୍ଥିରୀକୃତ ହୋଇଛି। ଏବର୍ଷର ଅନୁଷ୍ଠାନ ପୁଲିସ୍ ଲାଇନ୍ ଛକରୁ ଆଇଟିଆଇ ଛକ ପର୍ଯ୍ୟନ୍ତ ରାସ୍ତାରେ ଉକ୍ତ ପଥପ୍ରାନ୍ତ ଝୋଟି ଉତ୍ସବ ସକାଳ ୭ ଘଟିକାରୁ ଅନୁଷ୍ଠିତ ହେବ। ଉପସଭାପତି ଗିରିଜା ମିଶ୍ର ଉକ୍ତ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ପରିଚାଳନା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଉପଦେଷ୍ଟା ଶିଳ୍ପୀ କେଶୁ ଦାସ, ଉପସଭାପତି ସଂଘମିତ୍ରା ମହାନ୍ତି, ମିନତୀ ସେଠୀ, ସସ୍ମିତା ପଣ୍ଡା, ଜୟଶ୍ରୀ ସାହୁ, ଆଶ୍ରିତା ତରାଇ, ସରସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ଚାଟ୍ଟାର୍ଜୀ, ହେମଲତା ଦାସ, ସୁକାନ୍ତ ଦେବଗୋସ୍?ାମୀ, ସବିତା ନାୟକ, ସୁନାମଣି ଜେନା, ଉମାକାନ୍ତ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।











ସଂଗୀତଜ୍ଞ ଅଭିଜିତ ମଜୁମଦାରଙ୍କୁ ମୁରୁଜରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଲୁକା ଶିଳ୍ପୀ ଅଜୟ କୁମାର ଘୋଷ

● ଯୋନେକ୍ସ ସନରାଇଜ୍ ଓଏସବିଏ ଅଲ୍ ଓଡ଼ିଶା ମାଷ୍ଟର୍ସ ଷ୍ଟେଟ୍ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ୪ ପଦକ ହାସଲ କଲେ ବାଲେଶ୍ୱର ଖେଳାଳି

ବାଲେଶ୍ୱର,୨୫।୧(ସମିସ)

ସୋନପୁରରେ ସଦ୍ୟ ସମାପ୍ତ ଯୋନେକ୍ସ ସନରାଇଜ୍ ଓଏସବିଏ ଅଲ୍ ଓଡ଼ିଶା ମାଷ୍ଟର୍ସ ଷ୍ଟେଟ୍ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ଖେଳାଳି ୪ଟି ପଦକ ଜିତିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟଟି ସୋନପୁର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ ୨୩ ଜାନୁଆରୀରୁ ୨୫ ଜାନୁଆରୀ ପର୍ଯ୍ୟନ୍ତ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ସୋନପୁରରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସାରା ଓଡ଼ିଶାରୁ ବିଭିନ୍ନ ବୟସ ବର୍ଗରେ ୧୨୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ



କରିଛନ୍ତି। ବାଲେଶ୍ୱର ଜିଲ୍ଲାରୁ ୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜୟପ୍ରକାଶ ସିଂହ ମାଲକାନାଗିରି ଜିଲ୍ଲାର ସାଥୀ ତେଜସ୍ୱର ରାଓଙ୍କ ସହିତ ୩୫+ ପୁରୁଷ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ୪୦+ ପୁରୁଷ ଡବଲ୍ସରେ କୋରାପୁଟର କାହ୍ନୁ ଚରଣ ପଟ୍ଟନାୟକଙ୍କ ସହ ଚାମ୍ପିଅନ ହୋଇଛନ୍ତି। ଜୟପ୍ରକାଶ ସିଂହ ମଧ୍ୟ ୪୦+ ପୁରୁଷ ସିଙ୍ଗଲ୍ସ ବର୍ଗରେ କନ୍ଧମାଳ ଜିଲ୍ଲାର ଶ୍ରୀ ଦଲାଇଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ବାଲେଶ୍ୱରର ୩୫+ ଯୋଡ଼ି ରାଜୀବ ସାହୁ ଏବଂ ପ୍ରଦୀପ କୁମାର ଭୋଇ ୩୫+ ପୁରୁଷ ଡବଲ୍ସ ବର୍ଗରେ ରନର୍ସ ହୋଇଥିଲେ। ଏହି ସଫଳତା ସେମାନଙ୍କୁ ମାର୍ଚ୍ଚ ମାସରେ ଜମ୍ମୁରେ ଅନୁଷ୍ଠିତ ହେବାକୁ ଥିବା ମାଷ୍ଟର୍ସ ନ୍ୟାସନାଲ୍ ପାଇଁ ମନୋନୀତ କରିବାରେ ସାହାଯ୍ୟ କରିବ। ବାଲେଶ୍ୱରର ଅନ୍ୟ ଖେଳାଳି ବିକାଶ ଦାସ ୫୯+ ପୁରୁଷ ସିଙ୍ଗଲ, ମନୋରଞ୍ଜନ ପଣ୍ଡା ୫୫+ ପୁରୁଷ ଡବଲ୍ସର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି, ବିନୋଦ ଶାହା ଏବଂ ଗୌରୀ ଶଙ୍କର ବିଶି ୫୫+ ପୁରୁଷ ଡବଲ୍ସ ବର୍ଗର ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ଫାଇନାଲ୍ ପ୍ରେଜେଣ୍ଟେସନ୍ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲା ବ୍ୟାଡମିଣ୍ଟନ୍ ସଚିବ ସୁଭମ ଶର୍ମା, ସୋନପୁର ସଚିବ ପ୍ରଦୀପ ବାବୁ ଉପସ୍ଥିତ ଥିଲେ। ସେମାନେ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ଗାଁ ପ୍ରତିଭା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

କାଳିପଦା, ୨୫।୧ (ସମିସ): ସରସ୍ୱତୀ ପୂଜା ଅବସରରେ ନାଡବଣୀ ଶ୍ରୀ ଗଣପତି ଯୁବକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ଗାଁ ପ୍ରତିଭା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱଜିତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟଅତିଥି, ସାମ୍ବାଦିକ ରାଧା ଗୋବିନ୍ଦ ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରି ମଣ୍ଡଳ, ଅଶୋକ ପ୍ରଧାନ, ଅନିରୁଦ୍ଧ ଜେନା, ପଦ୍ମଲୋଚନ ସାହୁ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦଶ ଜଣ କୃତୀ ସନ୍ତାନଙ୍କୁ ସମ୍ମାନିତ କରାଯାଇଥିଲା। ଚାରୁଚନ୍ଦ୍ର ଦଳାଇ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଜିତ ପାତ୍ର, ସରୋଜ ପାଇକ, ବଳରାମ ପରିଡା, ଭଗୀରଥ ଦଳାଇ, ଉମାକାନ୍ତ ପରିଡା, ରୁଦ୍ରାକ୍ଷ୍ୟ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଅନୁଜ ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ପିତାମାତା ଆଶୀର୍ବାଦ ଶିକ୍ଷାଦାନ କେନ୍ଦ୍ରର ବାର୍ଷିକ ଉତ୍ସବ

କାଳିପଦା, ୨୫।୧ (ସମିସ): ପାଉଁଶକୁଲି ନିକଟ ପଡିଆରୀପୁରସ୍ଥିତ ପିତାମାତା ଆଶୀର୍ବାଦ ଶିକ୍ଷାଦାନ କେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷକ କ୍ଷୀତିଶ ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାମଶୂଳୀ କଲେଜ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ସ୍ଥାନୀୟ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ଭବେଶ କୁମାର ଗିରି ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବରେ ବ୍ରିଗେଡ ସ୍କୁଲର ପ୍ରିନସିପାଲ ଉଜ୍ଜଳ କୁମାର ଦତ୍ତ, ଶିକ୍ଷକ ଶମ୍ଭୁନାଥ ମହାନ୍ତି, ଦାତା ପ୍ରିୟନାଥ ସାହୁ ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଆଶୀର୍ବାଦ ସାହୁ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଶିବ ସୁନ୍ଦର ପରିଡା, ବର୍ଷା ପ୍ରିୟଦର୍ଶିନୀ ପାତ୍ର, ଅନୁପମା ବୁଗୁଡ଼ି, ରେଶମା ଖାତୁନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ଟି ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ସିମୁଳିଆ, ୨୫।୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ଏସ. ଟି ଜାଭିୟର ହାଇସ୍କୁଲର ୧୦ ମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରିନସିପାଲ ଉତ୍କଳିନୀ ଖିଲାର ସ୍କୁଲର ବିବରଣୀ ପାଠ କରିଥିଲେ। ଏସ. ଟି ଜାଭିୟର ସ୍କୁଲ ଚେୟାରମେନ ଜିତେନ୍ଦ୍ର କୁମାର ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସିମୁଳିଆ-ଖଇରା ବିଧାୟକ ପଦ୍ମଲୋଚନ ପଣ୍ଡା. ମୁଖ୍ୟବ୍ୟକ୍ତା ସଞ୍ଜୟ ମହାନ୍ତି, ସମ୍ମାନିତ ଅତିଥି ସିମୁଳିଆ ଶିକ୍ଷା ଗୋଷ୍ଠୀର ସିଆରସି ଅଜୟ ପଣ୍ଡା, ଶୁଚିସ୍ମିତା ରାଜଗୁରୁ, ବନମାଳୀ ନାୟକଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ପଣ୍ଡା ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପ୍ରିୟକାନ୍ତ ପାଢୀ ଧନ୍ୟବାଦ ଅର୍ପଣ କରି ସଭାଭଙ୍ଗ କରିଥିଲେ।

## ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୨୫।୧ (ସମିସ) : ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଲଙ୍ଗଳେଶ୍ୱର ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଦସ୍ୟ ଡା. ଅରବିନ୍ଦ ବେଜ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ମଞ୍ଚର ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଦାମୋଦର ନାୟକ, ମୁଖ୍ୟବକ୍ତା ଭାବେ ଲତାଯୋଡି କଲେଜ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ମହେଶ୍ୱର ଜେନା, ମୃତ୍ୟୁଞ୍ଜୟ ପଣ୍ଡା, ମଞ୍ଚର ସମ୍ପାଦକ ପୁରୁଷୋତ୍ତମ ସାହୁ, ବିନୋଦ ବିହାରୀ ଦାସ ପ୍ରମୁଖ ଯୋଗଦେଇ ଆଧୁନିକ ଯୁଗରେ ପୂଜ୍ୟପୂଜାକୁ ଭୁଲିଯାଇ ଯୁବଗୋଷ୍ଠୀ ବିପଥଗାମୀ ହେଉଥିବାରୁ ସମାଜ ଏବେ ଅବକ୍ଷୟଆଡ଼କୁ ଅଗ୍ରସର ହେଉଛି। ଫଳରେ ବାପା ମାଆଙ୍କ ପ୍ରତି ଅସମ୍ମାନ ଜନକ ବୋଧ ବୃଦ୍ଧି ପାଇଛି ବୋଲି ବକ୍ତା ମାନେ କହିଛନ୍ତି। ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକ ମଞ୍ଚର ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ମହେଶ୍ୱର ଜେନା। ସହ ସମ୍ପାଦକ ବଂଶୀଧର ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ମଞ୍ଚର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦି ମେନକାଇଣ୍ଡ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲିଆପାଳ, ୨୫।୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ ଠାରେ ଦି ମେନକାଇଣ୍ଡ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ୭୦ ଜଣ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଚଉମୁଖ ପଞ୍ଚାୟତର ଥିବା ପ୍ରତ୍ୟେକ ହାଟ, ବଜାର, ରାସ୍ତା, ପୋଖରୀ ତୁଠରେ ଥିବା ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ ରହିବା ,ସମସ୍ତଙ୍କୁ ଭାଇଚାରାର ସୂତ୍ରରେ ବାନ୍ଧି ରଖିବା, ଯୁବ ଗୋଷ୍ଠୀଙ୍କୁ ନିଶାମୁକ୍ତ କରିବା, ମାନବ ସେବା କରିବା ପାଇଁ ଯୁବକ ମାନଙ୍କୁ ପରାମର୍ଶ ଦେବା ସହିତ ପଞ୍ଚାୟତ ବାସୀଙ୍କର ସୁବିଧା ଅସୁବିଧାକୁ ସମାଧାନ କରିବା ଏହି କ୍ଲବ୍‌ର ଲକ୍ଷ୍ୟ ବୋଲି ସଭାପତି ଗୋବିନ୍ଦ ଦାସ, ଉପସଭାପତି କୃଷ୍ଣାକାନ୍ତ ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ପାତ୍ର କହିଛନ୍ତି। ସହ ସଂପାଦକ ବଳରାମ ମାଝୀ, ସଦସ୍ୟ ଦିପକ ଜେନା, ସଞ୍ଜୟ ସେଠି, ରବିନ୍ଦ୍ର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ନାରାୟଣ ବେହେରା, ଜଗନ୍ନାଥ ଭଞ୍ଜ, ରାମଚନ୍ଦ୍ର ଜେନା, ଦିପକ ରଣଜିତ, ବବୁଲୁ ପାତ୍ର, ବିଷ୍ଣୁପଦ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସୋର କନିଷ୍ଠ ଯନ୍ତ୍ରୀ ତଦାରଖରୁ ବାଦ

# ସୋର-ଅନନ୍ତପୁର-କୁପାରୀ ରାସ୍ତାକାମରେ ସ୍ୱଚ୍ଛତା ନେଇ ସନ୍ଦେହ

ସୋର,୨୫।୧(ସମିସ)



ସୋର-ଅନନ୍ତପୁର-କୁପାରୀ ରାସ୍ତା କାମର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ୪୦ କି.ମି. ରାସ୍ତାଟିର କାମ ନିମନ୍ତେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଟେଣ୍ଡରର ଅଟକଳ ମୂଲ୍ୟ ୧୪କୋଟି ୧୫ ଲକ୍ଷ ଥିଲାବେଳେ ଏହାକୁ ପୁଣି ବଢା ଯାଇ ୧୮ କୋଟି ୩୦ ଲକ୍ଷକୁ ସୁପାରିସ କରାଯାଇଛି। ଉକ୍ତ ପ୍ରକଳ୍ପର ସମ୍ପୃକ୍ତ ଠିକାଦାର ସହିତ ହୋଇଥିବା ଚୁକ୍ତିନମ୍ବର ୪୦୦ପି-୧୨୦୨୫-୨୬ ଅନୁଯାୟୀ ପ୍ରକଳ୍ପଟି ସୋର ପୂର୍ତ୍ତବିଭାଗ ଡ଼ିଭିଜନ ଅଧୀନରେ ଥିଲାବେଳେ ଦୁଇଟି ସେକ୍ସନ ସୋର ଓ ଗଣ୍ଡିବେଡ଼ ସେକ୍ସନ ଅନ୍ତର୍ଭୁକ୍ତ। ସୋର ସେକ୍ସନ ଅଧିନରେ ଅନନ୍ତପୁର ଠାରୁ ବରପଦା ପର୍ଯ୍ୟନ୍ତ ୨୨ କି.ମି. ଥିଲାବେଳେ ଗଣ୍ଡିବେଡ଼ ସେକ୍ସନ ଅଧୀନରେ ବରପଦା ଠାରୁ କୁପାରୀ ଯାଏ ୧୮ କି.ମି. ଦୂରତ୍ୱ ରହିଛି। ସମ୍ପୃକ୍ତ ଠିକାଦାର ଅନନ୍ତପୁର ଠାରୁ ଏହି କାମ ଆରମ୍ଭ କରିବାର ଥିଲେ ହେଁ ତାହା ନ କରି କୁପାରୀ ଠାରୁ କାମ ଆରମ୍ଭ କରିଛି। ମାତ୍ର ବିନା ସୂଚନା ଫଳକରେ କାମ ହେଉଥିବାରୁ ଏହା ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇଥିବା ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ରାସ୍ତାକାମର ସ୍ୱଚ୍ଛତାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ନିୟମତଃ ରାସ୍ତାର ପିଚୁକାମ ୩ ଇଞ୍ଚ ହେବା ପାଇଁ ନିର୍ଦ୍ଦେଶନାମା ଥିଲାବେଳେ ତାହା କିନ୍ତୁ ୨ ଇଞ୍ଚର କରାଯାଇଛି ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ବାଲେଶ୍ୱରରୁ ମୟୂରଭଞ୍ଜ ଓ କେଉଁଝର ଜିଲ୍ଲାକୁ ସିଧାସଳଖ ସଂଯୋଗ କରୁଥିବାରୁ ଅନେକ ଭାରିଯାନ ଚଳପ୍ରଚଳ କରୁଥିବାବେଳେ ନିମ୍ନମାନର ପିଚୁ କରାଯାଉଥିବାରୁ ରାସ୍ତାର ସ୍ଥାୟୀତ୍ୱ ଯେ କେତେଦିନ ଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା କାମ ହେଉଥିବା ସମୟରେ ବିଭାଗୀୟ ଅଧିକାରୀ ଏସଡ଼ିଓ କିମ୍ବା କନିଷ୍ଠ ଯନ୍ତ୍ରୀ ନ ରହିବା ଦ୍ୱାରା ଠିକାଦାରଙ୍କ ସୁପରଭାଇଜର ଦ୍ୱାରା ନିମ୍ନମାନର କରାଯାଇଥିବା ପରିଲକ୍ଷିତ ହୋଇଛି ଯାହାକି ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ ସାପେକ୍ଷ। ଶନିବାର ପିଚୁ ହେଉଥିବା ସମୟରେ କାମର ଗୁଣାତ୍ମକ ମାନକୁ ନେଇ ସ୍ଥାନୀୟଲୋକେ ଦୀର୍ଘ ସମୟ ଧରି କାମ ବନ୍ଦ କରି ରଖିଥିଲେ। ଏ ନେଇ ଗଣ୍ଡିବେଡ଼ର ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ମହାଲିକଙ୍କୁ ପଚାରିବାରୁ ଉକ୍ତ ରାସ୍ତାକାମର ତଦାରଖ କରିବା ଦାୟିତ୍ୱ ବାଲେଶ୍ୱର ମୁଖ୍ୟନିର୍ବାହୀ ଯନ୍ତ୍ରୀ ଦେଇଥିବାରୁ ରାସ୍ତା କାମର ଗୁଣାତ୍ମକକୁ ନେଇ ସନ୍ଦେହ ହେଲେ ଠିକାଦାର ହିଁ ଉତ୍ତରଦାୟୀ ରହିବ ବୋଲି କହି ଏଡ଼ାଇ ଯାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସୋର ସେକ୍ସନ ଅଧୀନରେ ୨୨ କି.ମି. ରାସ୍ତା ଥିବା ବେଳେ ବାଲେଶ୍ୱର ମୁଖ୍ୟନିର୍ବାହୀ ଯନ୍ତ୍ରୀ ଚିଠି ନମ୍ବର ୫୨୩/ ୨୦/୧/୨୬ ରିଖରେ ସୋରର ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ପ୍ରସାଦ ସିଂଙ୍କୁ ତଦାରଖ ଦାୟିତ୍ୱରୁ ବାଦ ଦିଆଯାଇ ଗଣ୍ଡିବେଡ଼ ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯିବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଆଲୋଚନା ହେଉଛି। ସୋର ସେକ୍ସନ ଅଧୀନରେ ପିତାକାଳିଆ ପୋଲ ନିର୍ମାଣ ଅବସ୍ଥାରେ ଥିବା ବେଳେ ସୋର ସେକ୍ସନର ସହକାରୀ ଯନ୍ତ୍ରୀଙ୍କୁ ବାଦ ଦିଆଯାଇ ଜନୈକ ଅନଭିଜ୍ଞ କନିଷ୍ଠ ଯନ୍ତ୍ରୀଙ୍କୁ ଦାୟୀତ୍ୱ ଦିଆଯିବା ପଛରେ ଏକ ବଡ଼ କିକ୍ ବ୍ୟାକ ହୋଇଥିବା ଆଲୋଚନା ଜୋର ଧରିଛି। ଏହି ରାସ୍ତା କାମର ସ୍ୱଚ୍ଛତାକୁ ନେଇ ବାଲେଶ୍ୱର ମୁଖ୍ୟନିର୍ବାହୀ ଯନ୍ତ୍ରୀ ସୋର ସେକ୍ସନର କାମକୁ ତଦାରଖ କରିବା ନିମନ୍ତେ ସୋର ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀଙ୍କୁ ତଦାରଖ ଦାୟିତ୍ୱ ଦେବା ନିମନ୍ତେ ୱାର୍କସ ବିଭାଗର ସଚିବ, ବାଲେଶ୍ୱର ମଣ୍ଡଳ ପୂର୍ତ୍ତବିଭାଗ, ସିଏଜି ଓଡ଼ିଶା ଭୁବନେଶ୍ୱର, ଡ଼ିଜି ଭିଜିଲାନସ କଟକ, ବାଲେଶ୍ୱର ଜିଲ୍ଲାପାଳଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ନିମନ୍ତେ ପ୍ରଭାତ ଦଳେଇ, ଗୟାଧର ବେହେରା, ପର୍ଶୁରାମ ମହାନ୍ତି, ମହେଶ୍ୱର ସେନାପତି, ମହେଶ୍ୱର ମହାନ୍ତି ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବି

ଜଳେଶ୍ୱର ବ୍ଲକ, ୨୫।୧ (ସମିସ) : ଜଳେଶ୍ୱରର ଲୋକସଂଖ୍ୟା ତଥା ଅନ୍ୟାନ୍ୟ ଭିତ୍ତିଭୂମି ଦୃଷ୍ଟିରୁ ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ର ସରକାର ଅଞ୍ଚଳବାସୀଙ୍କ ଏହି ଦାବିକୁ ଗୁରୁତ୍ୱ ଦେଉ ନ ଥିବାରୁ ଏହି ପରିପ୍ରେକ୍ଷୀରେ ଜଳେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ଦାବିପତ୍ର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାରେ କମିଟିର ସଭାପତି ଦିଲ୍ଲୀପ କୁମାର ଗିରି, ବରିଷ୍ଠ ସଦସ୍ୟ ସମୀର ପାତ୍ର ଓ ଅନ୍ୟତମ ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ଆଲୋଚନା କରି କହିଥିଲେ କେନ୍ଦ୍ରୀୟ ବିଦ୍ୟାଳୟ ଜଳେଶ୍ୱରବାସୀଙ୍କ ବହୁ ଦିନର ଦାବି। ଜଳେଶ୍ୱରରେ ସରକାରୀ ଓ କେନ୍ଦ୍ରୀୟ କର୍ମଚାରୀ ଚାକିରିଆଙ୍କ ସଂଖ୍ୟା ଅଧିକ। ସେମାନଙ୍କର ପିଲାମାନଙ୍କୁ ପାଠ ପଢାଇବା ପାଇଁ ବାଲେଶ୍ୱର ଉପରେ ନିର୍ଭର କରିବାପାଇଁ ପଡ଼ିଥାଏ। ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ସହ ଅନ୍ୟ ରାଜନୈତିକ ନେତୃମଣ୍ଡଳୀ ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ବି ଅଦ୍ୟାବଧି କିଛି ଫଳ ମିଳିନି। ସାଂସଦଙ୍କୁ ଆଲୋଚନା ସମସ୍ତ ବିଷୟ ଅବଗତ କରି ଅତିଶୀଘ୍ର ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ଲାଗି କେନ୍ଦ୍ରୀୟ ବିଦ୍ୟାଳୟ କ୍ରୀୟାନୁଷ୍ଠାନ କମିଟିର ସଭାପତି, ବରିଷ୍ଠ ସଦସ୍ୟମାନେ ଅନୁରୋଧ କରିଥିଲେ।

## କୁମ୍ଭାରମୂଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୨୫।୧ (ସମିସ) : ଭୋଗରାଇ ବ୍ଲକ କୁମ୍ଭାରମୂଳୀ ପଞ୍ଚାୟତରେ ସେହି ଗ୍ରାମରେ ଥିବା କୁମ୍ଭାରମୂଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତ୍ କୁମାର କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୁମ୍ଭାରମୂଳୀ ପଞ୍ଚାୟତର ସରପଞ୍ଚ ବିବେକାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଝଙ୍କଝଙ୍କି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ କାର୍ତ୍ତିକ ଚନ୍ଦ୍ର ପାଲ ସମ୍ମାନିତ ଅତିଥି ଯଶିପୁର ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବସନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାଙ୍କ ବିହାରୀ ଦାସ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ଚନ୍ଦ୍ର ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।









# ତମାଖୁ କଟକଣା ପରେ ବଢ଼ିଚାଲିଛି କଳାବଜାର

ବସ୍ତା ବ୍ଲକ, ୨୫।୧ (ସମିସ)




ରାଜ୍ୟ ସରକାର ଓଡ଼ିଶାରୁ ପାନ ଜର୍ଦ୍ଦା ମସଲା ଓ ଗୁଟଖା, ତମାଖୁ, ସିଗାରେଟ ବିକ୍ରି ଉପରେ କଟକଣା ସହ ବନ୍ଦ କରିବା ନେଇ ଘୋଷଣା କରିଛନ୍ତି। ଏହି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ କରା ଯାଉଥିବା ବେଳେ ଏହାର କାର୍ଯ୍ୟକାରିତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହୁଗୁଳା ଆଇନ କାର୍ଯ୍ୟକାରିତା ମଧ୍ୟରେ ଏହା ଉପରେ ଓଡ଼ିଶାବାସୀଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ସୁସ୍ଥ ସମାଜ ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି କୁହା ଯାଉଛି। ଘୋଷଣା କରିବାର କେଇ ଘଣ୍ଟା ମଧ୍ୟରେ ବଜାରରେ କମ୍ପନ ସୃଷ୍ଟି ହୋଇଛି। ବିଗତ ଦିନ ମାନଙ୍କରେ ଗୁଟଖା ବିକ୍ରି ଉପରେ ଅନେକ କଟକଣା ଲଗାଯାଇଥିଲେ ମଧ୍ୟ ତାହା ସଫଳ ରୂପାୟନ ହୋଇ ନଥିବା ଆଲୋଚନା ହେଉଛି। ମାସକୁ ଲକ୍ଷ ଲକ୍ଷ ଟଙ୍କାର ଗୁଟଖା କାରବାର ହେଉଥିବା ବେଳେ ଏବେ ଘୋଷଣାର ଦୁଇଦିନ ମଧ୍ୟରେ ତମାଖୁଜାତୀୟ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇଥିବା ଦୋକାନୀଙ୍କ ଠାରୁ ସୂଚନା ମିଳିଛି। ଏବେ ଠାରୁ କଳାବଜାର ଆରମ୍ଭ କରିଛନ୍ତି ପାଇକରି ଦୋକାନୀ ଓ ହୋଲସେଲର। ଅଧିକ ଲାଭ ଆଶାରେ ଲକ୍ଷ ଲକ୍ଷ ଟଙ୍କାର ତମାଖୁ ଜାତୀୟ ସାମଗ୍ରୀକୁ ଗଚ୍ଛିତ କରି ରଖିବା ଆରମ୍ଭ କରିଦେଇଛନ୍ତି। ସୁନା ଭଳି ପ୍ରତି ଦିନ ମୂଲ୍ୟ ବୃଦ୍ଧି କରି ମନଇଚ୍ଛା ଦାମରେ ବିକ୍ରୀ କରୁଛନ୍ତି। କିପରି ଲୁଚା ଛପା କରି ବିକ୍ରି କରିବେ ତାକୁ ନେଇ ଆରମ୍ଭ ହେଲାଣି ବ୍ଲୁ ପ୍ରିଣ୍ଟ। ସେହିପରି କମ୍ପାନୀର ଅଧିକୃତ ବିକ୍ରେତା ମାନେ ମଧ୍ୟ ଯୋଜନା ପ୍ରସ୍ତୁତ କରିବା ମଧ୍ୟ ଆରମ୍ଭ କରିଦେଇଥିବା ସୂଚନା ମିଳିଛି। ଚଢ଼ଉ ଭୟରେ ପ୍ରାୟତ ଦୋକାନ ମାନଙ୍କରେ ସଜା ହୋଇଥିବା ତମାଖୁକୁ ଦୋକାନୀ ହଟାଇ ଲୁଚାଇ ବିକିବା ଆରମ୍ଭ କରିଛନ୍ତି। ତମାଖୁ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିବା ବେଳେ ଏହା ଉପରେ ବୈଧାନିକ ସତର୍କତା ଲେଖା ହୋଇଥିବା ବେଳେ ରାଜ୍ୟ ରେ ନିକୋଟିନ ଯୁକ୍ତ ତମାଖୁ ବହୁଳ ବ୍ୟବହାର ହୋଇ ଆସୁଥିଲା। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ତମାଖୁ ଉପରେ କଟକଣା ଲଗାଇବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବା ବେଳେ ବାସ୍ତବରେ ଲୋକଙ୍କ ରୋଜଗାର ଉପରେ ସିଧା ସଳଖ ପ୍ରଭାବ ପଡ଼ିବ ବୋଲି କୁହା ଯାଉଛି। କାରଣ ବଜାରରେ ୬୦ରୁ ଊର୍ଦ୍ଧ୍ୱ ପ୍ରତିଶତ ଦୋକାନ ପ୍ରଭାବିତ ହେବ ବୋଲି କୁହା ଯାଉଛି। ବର୍ଷ ବର୍ଷ ଧରି ଛୋଟ ଛୋଟ ପାନ ଚାହା ଦୋକାନ କରି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉ ଥିବା ବ୍ୟକ୍ତି ବିଶେଷ ମାନେ ଖୋଲାଖୋଲି ପ୍ରଭାବିତ ହେବେ ବୋଲି ବର୍ଷ ବର୍ଷ ଧରି କମ୍ ଟଙ୍କା ରେ ଦୋକାନ କରି ଆସୁଥିବା ଦୋକାନୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଓଡ଼ିଶାରେ ବନ୍ଦ ହେଉଥିବା ବେଳେ ଏହାର ଭରପୁର ଫାଇଦା ପଶ୍ଚିମବଙ୍ଗ ନେବା ନେଇ ଆକଳନ ପ୍ରକାଶ ପାଇଛି। ଯଦି ସରକାରୀ କଳ ପୁଲିସ ପ୍ରଶାସନକୁ ଚ୍ୟାଲେଞ୍ଜ କରି ମାରାତ୍ମକ ନିଶା ବ୍ରାଉନ ସୁଗର ଗଞ୍ଜେଇ ସହଜରେ ସୀମାନ୍ତ ଦେଇ ଅବାଧ ଭାବେ ଆସି ପାରୁଛି ଓ ଦିନକୁ ଦିନ ଯୁବ ଗୋଷ୍ଠୀ ଏହି ନିଶାର ନିକଟତର ହେଉଛନ୍ତି ତାକୁ ବନ୍ଦ କରିବା ପାଇଁ ସରକାରଙ୍କ ପାଖରେ ବଳ ନାହିଁ ତେବେ ତମାଖୁ ବନ୍ଦ କେତେ ଫଳପ୍ରଦ ହେବ ତାହା ସନ୍ଦେହ ଘେରରେ ରହିଛି। ୫୦ ପ୍ରତିଶତରୁ ଅଧିକ ଲୋକ କିଛିନା କିଛି ତମାଖୁ ଜାତୀୟ ପଦାର୍ଥ ବ୍ୟବହାର କରୁଥିବା ବେଳେ ଯଦି ବାହାର ରାଜ୍ୟରୁ ଆମଦାନୀ ଉପରେ ପ୍ରତିବନ୍ଧକ ଲଗା ନଯାଏ ତାହାଲେ ଏହି ଘୋଷଣା ଘୋଷଣାରେ ସୀମିତ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

